# NATIONAL NEWS BULLETIN (ODIA)

**1 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସର୍ମପଣ, ସାଧୁତା ଏବଂ ନୈତିକ ମୂଲ୍ୟବୋଧ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି

- ଡିଜିଟାଲ ଇଣ୍ଡିଆ ପଦକ୍ଷେପ ସ୍ୱଚ୍ଛ ଶାସନ ବ୍ୟବସ୍ଥା ଏବଂ ନାଗରିକଙ୍କୁ ସଶକ୍ତ କରିବା ସହ ଦେଶର ସାମଗ୍ରୀକ ବିକାଶକୁ ତ୍ୱରାନ୍ୱିତ କରିଛି, କହିଲେ ପ୍ରଧାନମନ୍ତ୍ରୀ

- ଦେଶବ୍ୟାପୀ ଆଜିଠାରୁ କାର୍ଯ୍ୟକାରୀ ହେଲା ଭିବିଜି ରାମଜୀ ଆଇନ

- ଜନସ୍ୱାସ୍ଥ୍ୟର ସୁରକ୍ଷା ଏବଂ ଡାକ୍ତରଙ୍କର ଉତ୍ସର୍ଗୀକୃତ ସେବାକୁ ସମ୍ମାନ ଜଣାଇ ଆଜି ପାଳନ କରାଯାଉଛି ଜାତୀୟ ଡାକ୍ତର ଦିବସ

ଏବଂ

- ଭାରତ-ଇଂଲଣ୍ଡ ପୁରୁଷବର୍ଗ ଆନ୍ତର୍ଜାତିକ ଟି-୨୦ କ୍ରିକେଟ୍ ସିରିଜ୍ ଆଜିଠୁ ଆରମ୍ଭ

---

## ପ୍ରେଜ୍ ଭାରତ ଭିଜନ

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବା ଦିଗରେ କାର୍ଯ୍ୟ କରିବା ସହ ସମର୍ପଣ, ସାଧୁତା ଏବଂ ନୈତିକ ମୂଲ୍ୟବୋଧ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୁବବର୍ଗଙ୍କୁ ଆହ୍ୱାନ

ଦେଇଛନ୍ତି । ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଯୁବବର୍ଗଙ୍କ ଶକ୍ତି, ଦକ୍ଷତା ଏବଂ ପ୍ରତିବଦ୍ଧତା ଏକ ସମାବେଶୀ ତଥା ସମୃଦ୍ଧ ରାଷ୍ଟ୍ର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବ । ସ୍ନାତକ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ରାଷ୍ଟ୍ରପତି କହିଛନ୍ତି ଛାତ୍ରୀମାନେ ପଦକ ହାସଲରେ ଛାତ୍ରଙ୍କୁ ପଛରେ ପକାଇଛନ୍ତି । ମହିଳାଙ୍କର ବୃଦ୍ଧି ପାଉଥିବା ଆକାଂକ୍ଷା ଏବଂ ଦୃଢ଼ ନିଷ୍ଠାକୁ ଏହା ପ୍ରତିଫଳନ କରୁଛି । ଜ୍ଞାନ ଆହରଣର ମାର୍ଗକୁ ଜୀବନରେ ସବୁବେଳେ ଉନ୍ମୁକ୍ତ ରଖିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି । ସମାଜର ଅବହେଳିତ ବର୍ଗର ଲୋକଙ୍କ ପାଇଁ ଲବ୍ଧ ଜ୍ଞାନକୁ ବ୍ୟବହାର କରିବାକୁ ରାଷ୍ଟ୍ରପତି କହିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ୧ ହଜାର ୨୬୮ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ୫୬ ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି ।

# ପିଏମ୍-ଡିଜିଟାଲ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଡିଜିଟାଲ ଇଣ୍ଡିଆ ପଦକ୍ଷେପ ସ୍ୱଚ୍ଛ ଶାସନ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସହ ନାଗରିକଙ୍କୁ ସଶକ୍ତ ଏବଂ ସର୍ବାଙ୍ଗୀନ ବିକାଶକୁ ଅଧିକ ତ୍ୱରାନ୍ୱିତ କରିପାରିଛି । ଡିଜିଟାଲ ଇଣ୍ଡିଆ ଏବେ ଦୈନନ୍ଦିନ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହୋଇଛି । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଡିଜିଟାଲ ଆର୍ଥିକ କାରବାର ମାଧ୍ୟମରେ ହିତାଧିକାରୀଙ୍କ ପାଖରେ ସିଧାସଳଖ ସୁଫଳ ପହଞ୍ଚି ପାରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ସେଣ୍ଟର-ଭିଭିଜି ରାମଜି

ବିକଶିତ ଭାରତ – ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ – ଭିବି ଜି ରାମ ଜି ଆଇନ୍–୨୦୨୫ ଆଜିଠାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇଛି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ଆଇନ୍ ଅଧୀନରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ନିଶ୍ଚିତ କାମ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ଭତ୍ତା ପ୍ରଦାନ କରାଯିବ । ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ ହଜାର ୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ଭିବି-ଜି. ରାମ୍ ଜି. ଆଇନ' ପ୍ରଚଳିତ ୨୦୦୫ ମସିହାର ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ କାର୍ଯ୍ୟକ୍ଷମ ହୋଇଛି । ଗ୍ରାମୀଣ ବିକାଶ ସହିତ ସ୍ଥାନୀୟ ପରିବାରଗୁଡ଼ିକୁ ସଶକ୍ତ କରିବା ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ ଭଳି ବ୍ୟବସ୍ଥାମାନ ଏହି ନୂତନ ଆଇନ୍‌ରେ ରହିଛି । ନିର୍ଦ୍ଧାରିତ ସମୟସୀମା, ସ୍ୱଚ୍ଛତା ଏବଂ ଦାୟିତ୍ୱପୂର୍ଣ୍ଣ ମଜୁରୀ ପ୍ରଦାନ ଉପରେ ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି ।

ଏହି ନୂତନ ଆଇନ୍ ଅଧୀନରେ ସରକାର ବର୍ଦ୍ଧିତ ମଜୁରୀ ମୂଲ୍ୟ ଘୋଷଣା କରିଛନ୍ତି । ଶ୍ରମ ପାଇଁ ପ୍ରତ୍ୟେକ ଦିନର ମଜୁରୀ ବାବଦରେ ୩୨୭ଟଙ୍କା ୪୦ ପଇସା ପ୍ରଦାନ କରାଯିବ । ମନରେଗା ଯୋଜାନା ଅଧୀନରେ ଦିଆଯାଉଥିବା ମଜୁରୀଠାରୁ ଏହା ୧୦ ପ୍ରତିଶତ ଅଧିକ । ତେବେ କେତେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହି ନୂତନ ଆଇନ୍ ଅଧୀନରେ ମଜୁରୀକୁ ଆହୁରି ଅଧିକ ବୃଦ୍ଧି କରିଥିବା ସୂଚନା ମିଳିଛି ।

.............................................................................

# ଡିଜିଟାଲ ଇଣ୍ଡିଆ ୧୧ ଇୟର୍ସ

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଦେଶବ୍ୟାପୀ ସ୍ୱଚ୍ଛ ଆର୍ଥିକ କାରବାର ଏବଂ ସାର୍ବଜନୀନ ସେବା ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ଗତ ୧୧ବର୍ଷ ମଧ୍ୟରେ ଭାରତ ବିଶ୍ୱର ସର୍ବବୃହତ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଇକୋସିଷ୍ଟମ୍ ମଧ୍ୟରେ ମାନ୍ୟତା ହାସଲ କରିଛି । ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତା, କୃଷି, ଗ୍ରାମାଞ୍ଚଳ ଆଦି ବିଭିନ୍ନ କ୍ଷେତ୍ରରେ ଡିଜିଟାଲ ପ୍ଲାଟଫର୍ମ ଗୁଡ଼ିକ ଉପଯୋଗ ମାଧ୍ୟମରେ ବେଶ୍ ସଫଳତା ହାସଲ ହୋଇପାରିଛି। ଭାରତ ଷ୍ଟାଗ୍ ଏବଂ ଡିପିଆଇ ବ୍ୟବସ୍ଥାରେ ସହଯୋଗ ଲକ୍ଷ୍ୟ ନେଇ ଭାରତ ୨୪ଟି ରାଷ୍ଟ୍ର ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଡିଜିଟାଲ ପରିଚୟପତ୍ର, ଆର୍ଥିକ କାରବାର, ତଥ୍ୟ ବିନିମୟ ଏବଂ ସେବା ଆଦାନପ୍ରଦାନ ଏହି ସବୁ ବ୍ୟବସ୍ଥା ମଧ୍ୟରେ ଅନ୍ତର୍ଭୁକ୍ତ । ସଂଯୁକ୍ତ ଆରବ ଏମିରେଟ୍ସ, ସିଙ୍ଗାପୁର, ଫ୍ରାନ୍ସ, ମରିସସ୍ ଏବଂ ଶ୍ରୀଲଙ୍କା ସମେତ ୮ଟିରୁ ଅଧିକ ଦେଶରେ ଏବେ ୟୁପିଆଇ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ବିଶ୍ୱ ଫିନ୍‌ଟେକ୍ କ୍ଷେତ୍ରରେ ଭାରତର ଉପସ୍ଥିତିକୁ ଏହା ଅଧିକ ସୁଦୃଢ଼ କରୁଛି । ୨୦୨୩ ମସିହାରେ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ବୈଠକ ଅବସରରେ ଇଣ୍ଡିଆ ଷ୍ଟାଗ୍ ଗ୍ଲୋବାଲ୍ ଏବଂ ଗ୍ଲୋବାଲ୍ ଡିପିଆଇ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିଲା । ଏଥିସହ ବିଶ୍ୱ ଡିଜିଟାଲ କ୍ଷେତ୍ରରେ ଭାରତ ପ୍ରବେଶ କରିବାର ମାର୍ଗ ଉନ୍ମୁକ୍ତ ହୋଇଥିଲା ।

---

# ଜିଏସ୍‌ଟି- ୯ ଇୟର୍ସ

ଦେଶରେ କାର୍ଯ୍ୟକାରୀ ହୋଇଥିବା ଦ୍ରବ୍ୟ ଓ ସେବାକର-ଜିଏସଟି ଆଜି ୯ ବର୍ଷ ପୂରଣ କରିଛି । ଏକ ଭାରତ ଶ୍ରେଷ୍ଠ ଭାରତ ଦୃଷ୍ଟିକୋଣକୁ ଏହା ସୁଦୃଢ଼ କରିବା ସହ ଟିକସ କ୍ଷେତ୍ରରେ ସଂସ୍କାର ମାଧ୍ୟମରେ ସ୍ୱଚ୍ଛତା,

ଉତ୍ତରଦାୟିତ୍ୱ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିଛି । ୨୦୧୭ ମସିହା ଜୁଲାଇ ପହିଲାରେ ଦେଶ ବ୍ୟାପୀ ଜିଏସଟି ଲାଗୁ କରାଯାଇଥିଲା ।

## ପିଏମ୍‌ଏସ୍‌କେୱାଇ

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଆଜିକୁ ୧୦ ବର୍ଷରୁ ଅଧିକ ପୂରଣ କରିଛି । ଦେଶରେ ନିରନ୍ତର ଜଳ ପରିଚାଳନା ଏବଂ ଜଳସେଚନକୁ ଅଧିକ ବ୍ୟାପକ ତଥା ସୁବ୍ୟବସ୍ଥିତ କରିବାରେ ଏହି ଯୋଜନା ଫଳପ୍ରଦ ସାବ୍ୟସ୍ତ ହୋଇଛି । ୨୦୧୫ ଜୁଲାଇ ପହିଲାରେ ଶୁଭାରମ୍ଭ ହୋଇଥିବା ଏହି ଯୋଜନା କୃଷିକ୍ଷେତ୍ରରେ ଜଳ ପରିଚାଳନାକୁ ଅଧିକ ଉନ୍ନତ କରିବା ସହ ଦେଶବ୍ୟାପୀ ସ୍ଥାୟୀ ଜଳ ସଂରକ୍ଷଣ ପଦକ୍ଷେପକୁ ପ୍ରୋତ୍ସାହନ ପ୍ରଦାନ କରିଛି । ଗତ ଦଶନ୍ଧି ମଧ୍ୟରେ ଜଳ ସଂଚୟ ଏବଂ ଜଳ ସିଞ୍ଚନ ଅଧୀନରେ ବର୍ଷାଜଳ ଅମଳ ଓ ଜଳ ବଣ୍ଟନ ପଦକ୍ଷେପ ଦ୍ୱାରା କୃଷିକ୍ଷେତ୍ରକୁ ଜଳସେଚନ ବ୍ୟବସ୍ଥା ସୁଦୃଢ଼ କରିପାରିଛି । ଗତ ୨୦୧୬-୧୭ ମସିହାରେ ଏହି ଯୋଜନା ଅଧୀନରେ ୨ କୋଟି ୭୦ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି। ୨୪ ଦଶମିକ ୬/୧ ନିୟୁତ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ସହ ଏହି ଯୋଜନା ଅଧୀନ ଦ୍ୱାରା ଫସଲ ଉତ୍ପାଦକତା ବୃଦ୍ଧି ଏବଂ ପରିବେଶଗତ ସ୍ଥିରତାରେ ବ୍ୟାପକ ପରିବର୍ତ୍ତନ ଆସିପାରିଛି ।

## ଡକ୍ଟର୍ସ ଡେ

ଜନସ୍ୱାସ୍ଥ୍ୟର ସୁରକ୍ଷା ଏବଂ ଏ କ୍ଷେତ୍ରରେ ଡାକ୍ତରଙ୍କର ଉତ୍ସର୍ଗୀକୃତ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ଦେଶବ୍ୟାପୀ

ଜାତୀୟ ଡାକ୍ତର ଦିବସ ପାଳନ କରାଯାଉଛି । ବିଶିଷ୍ଟ ଚିକିତ୍ସକ ଡାକ୍ତର ବିଧାନଚନ୍ଦ୍ର ରାୟଙ୍କ ଜନ୍ମ ଏବଂ ମୃତ୍ୟୁବାର୍ଷିକୀକୁ ସ୍ମରଣ କରି ପ୍ରତିବର୍ଷ ଜୁଲାଇ ପହିଲାରେ ଦେଶରେ ଡାକ୍ତର ଦିବସ ପାଳନ କରାଯାଇଥାଏ । 'ମାସ୍କ ଅନ୍ତରାଳରେ ଥାଇ ସେବା କରୁଥିବା ଡାକ୍ତରଙ୍କୁ କିଏ ସୁସ୍ଥ କରୁଛି ?' ପ୍ରସଙ୍ଗ ନେଇ ଚଳିତବର୍ଷ ଏହି ଦିବସ ପାଳନ କରାଯାଉଛି । ଅନ୍ୟର ଯତ୍ନ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଡାକ୍ତରଙ୍କ ମାନସିକ, ଭାବପ୍ରବଣ ଏବଂ ଶାରୀରିକ ସୁସ୍ଥତାକୁ ଏହି ପ୍ରସଙ୍ଗ ପ୍ରତିପାଦନ କରୁଛି ।

ଏହି ଦିବସ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଡାକ୍ତରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ ଡାକ୍ତରଙ୍କ ନିଃସ୍ୱାର୍ଥପର ସେବା, ଦକ୍ଷତା ଏବଂ ମାନବ ସମାଜ ପ୍ରତି ପ୍ରତିବଦ୍ଧତାକୁ ଉଚ୍ଚ ପ୍ରଶଂସା କରିଛନ୍ତି । ବିଶ୍ୱର ସର୍ବବୃହତ କୋଭିଡ-୧୯ ଟିକାକରଣ ଅଭିଯାନ ଏବଂ ଆୟୁଷ୍ମାନ ଭାରତ ପଦକ୍ଷେପ ମାଧ୍ୟମରେ ସୁଲଭ ସ୍ୱାସ୍ଥ୍ୟସେବାର ବ୍ୟାପକତା ଏବଂ ଭିତ୍ତିଭୂମିର ସୁଦୃଢ଼ୀକରଣ ଓ ଡିଜିଟାଲ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକାଶ ପାଇଁ ଡାକ୍ତରଙ୍କ ଅବଦାନ ଉପରେ ସେ ଆଲୋକପାତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦିବସ ଅବସରରେ ଡାକ୍ତରସମାଜକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସେମାନଙ୍କର ପ୍ରତିବଦ୍ଧତା ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ । ଶ୍ରୀ ମୋଦୀ ଏହି ଅବସରରେ ଗତ ଦଶନ୍ଧି ମଧ୍ୟରେ ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ଉପରେ ଆଲୋକପାତ କରିଛନ୍ତି । ବିକଶିତ ଭାରତ ସ୍ୱପ୍ନ ସାକାର କରିବା ପାଇଁ

ସ୍ୱାସ୍ଥ୍ୟସେବା ଏବଂ ଗବେଷଣା କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବାକୁ ଶ୍ରୀ ମୋଦୀ ଡାକ୍ତରଙ୍କୁ ଆହ୍ୱାନ ଦେଇଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତରଙ୍କ ସମର୍ପଣ ଭାବକୁ ଉଚ୍ଚପ୍ରଶଂସା କରିଛନ୍ତି । ଏକ ଭିଡ଼ିଓ ବାର୍ତ୍ତାରେ ସେ କହିଛନ୍ତି ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଡାକ୍ତର ହେଉଛନ୍ତି ମୂଳଦୁଆ । ଜୀବନରକ୍ଷା ଏବଂ ରୋଗୀସେବାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବାରେ ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ଉପରେ ମନ୍ତ୍ରୀ ଶ୍ରୀ ନଡ୍ଡା ଆଲୋକପାତ କରିଛନ୍ତି ।

# କ୍ରିକେଟ୍

ଭାରତ-ଇଂଲଣ୍ଡ ମଧ୍ୟରେ ପୁରୁଷବର୍ଗ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍ ଆଜିଠାରୁ ଆରମ୍ଭ ହେଉଛି । ୫ଟିକିଆ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ଚେଷ୍ଟର୍-ଲି-ଷ୍ଟ୍ରିଟ୍‌ର ରିଭର୍‌ସାଇଡ୍ ଗ୍ରାଉଣ୍ଡ ଠାରେ ଖେଳାଯିବ । ଭାରତୀୟ ସମୟ ରାତି ୧୦ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଶ୍ରେୟସ୍ ଆୟର୍‌ଙ୍କର ଅଧିନାୟକତ୍ୱରେ ଭାରତୀୟ ଦଳ ଏହି ସିରିଜ୍ ଖେଳିବାକୁ ଯାଉଛି । ଦଳରେ ବୈଭବ ସୂର୍ଯ୍ୟବଂଶୀ ସାମିଲ ଅଛନ୍ତି । ଆୟର୍‌ଲାଣ୍ଡଠାରୁ ୨-୦ରେ ଟି-ଟ୍ୱେଣ୍ଟି ସିରିଜ୍ ହାରିବା ପରେ ଲୟକୁ ଫେରିବାକୁ ଭାରତୀୟ ଦଳ ପାଇଁ ଏହା ଏକ ସୁଯୋଗ ବୋଲି ବିବେଚନା କରାଯାଉଛି । ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ଶନିବାର ଦିନ ମଞ୍ଚେଷ୍ଟରଠାରେ ଏବଂ ତୃତୀୟ ମ୍ୟାଚ୍ ଆସନ୍ତା ୭ ତାରିଖରେ ନଟିଂହମ୍‌ଠାରେ ଖେଳାଯିବ । ସିରିଜ୍‌ର ଚତୁର୍ଥ ମ୍ୟାଚ୍ ୯ ତାରିଖରେ ବ୍ରିଷ୍ଟଲ୍ ଠାରେ ଏବଂ ପଞ୍ଚମ ମ୍ୟାଚ୍ ୧୧ ତାରିଖରେ ସାଉଥ୍‌ମ୍ପଟନ୍‌ଠାରେ ଖେଳାଯିବ । ଏହି ଗସ୍ତ ଅବସରରେ ଭାରତୀୟ ଦଳ

ଇଂଲଣ୍ଡ ବିପକ୍ଷରେ ତିନୋଟି ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

..........................................................................................